
ODIA

# ତୁମେ ମୋର ଅଣ୍ଡା ଦେଖିଛ କି?

ଚିତ୍ର
କନକ ଶଶି

eklavya



# ତୁମେ ମୋର ଅଣ୍ଡା ଦେଖିଛ କି?

ଶିଶୁ ଗତିବିଧି କାର୍ଯ୍ୟକ୍ରମ, ପଲିୟା ପିପରିୟା, ଜିଲା ହୋସଙ୍ଗାବାଦଙ୍କ ଦ୍ୱାରା
ଅନୁବାଦିତ କାହାଣୀ

ଚିତ୍ର: କନକ ଶଶି

eklavya

# ତୁମେ ମୋର ଅଣ୍ଡା ଦେଖିଛ କି?

TUME MORA ANDAA DEKHICHHA KI?

Adapted by Bal Gatividhi Karyakram, Paliya-Piparia, Hoshangabad
Illustrations: Kanak Shashi
Publication: Chetana Biswal, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Odia translation of *तुमने मेरा अण्डा तो नहीं देखा* by Eklavya Foundation.

Eklavya Foundation, September 2025
This story may be used for non-commercial educational purposes, without any alterations as long as the author, illustrator and the publisher are credited. For any other use, please contact the publisher.

First edition: September 2025 / 1000 copies
Paper: 100 GSM Maplitho (paper) and 220 GSM paperboard (Cover)
ISBN: 978-93-48176-82-0
Price: ₹ 60.00

Developed with financial support from Parag Initiative of the Tata Trusts.

Published by:


**EKLAVYA FOUNDATION**
Jamnalal Bajaj Parisar,
Near Fortune Kasturi Jatkhedi,
Bhopal 462 016 (MP)
Phone: +91 755 297 7770, 71,72
www.eklavya.in / books@eklavya.in

Printed at: Box Corrugators and Offset printers, Bhopal, phone: +91 755 258 7651






ଦିନେ ଗୋଟେ ଘରର ଉପର ମହଲାରେ
କୁକୁଡ଼ାଟି ଅଣ୍ଡାଟିଏ ଦେଲା।



ଅଣ୍ଡା ସିଡ଼ିରେ
ତଳକୁ ଗଡ଼ିଗଲା।

"ଓହୋ! ମୋ ଅଣ୍ଡା କୁଆଡ଼େ ହଜିଗଲାନି
ତ?" କୁକୁଡ଼ା ଭାବିଲା।





କୁକୁଡ଼ା ସିଡ଼ିରୁ ଓହ୍ଲାଉ ଓହ୍ଲାଉ ବକ୍କୁ ଛେଳିକୁ ପଚାରିଲା, "ତୁମେ ମୋର ଅଣ୍ଡା ଦେଖିଛ କି?"


ଛେଳି କହିଲା,"ହଁ, ହଁ, ଦେଖିଛି। ସେଇଟା ମୋ ରୁଟି ଦି'ଟା ଉପରେ ପଡ଼ିଲା। ପୁଣି ସେ ଟେବୁଲ୍ ଉପରୁ ଗଡ଼ିଯାଇ ଝରକା ଦେଇ ବାହାରକୁ ଚାଲିଗଲା।"






ପୁଣି କୁକୁଡ଼ା ଛୋଟ ଚଢ଼େଇକୁ ପଚାରିଲା,
"ତୁମେ ମୋ ଅଣ୍ଡାକୁ ଦେଖିଛ କି?"

ଛୋଟ ଚଢ଼େଇଟି କହିଲା, "ହଁ, ହଁ ଦେଖିଛି।
ସେ ନାଳରେ ଗଡ଼ି ଗଡ଼ି ସେଇ କଣା
ଭିତରକୁ ଚାଲିଗଲା।"





କୁକୁଡ଼ା ଦୌଡ଼ି ଦୌଡ଼ି ବାହାରକୁ ଗଲା। ସେ ବନ୍ଧୁ ଘୁଷୁରିକୁ ପଚାରିଲା, "ତୁମେ ମୋ ଅଣ୍ଡାକୁ ଦେଖିଛ କି?"



ବଙ୍କୁ କହିଲା, "ତୁମ ଅଣ୍ଡାଟି ମୋ ମୁଣ୍ଡ ଉପରେ ପଡ଼ିଲା, ପୁଣି ପିଠି ଉପରେ ଗଡ଼ି ମୋ ଲାଞ୍ଜ ଦେଇ ବାହାରକୁ ଚାଲିଗଲା।"



କୁକୁଡ଼ା ଦୌଡ଼ି ଯାଇ ଅଗଣାରେ ପହଞ୍ଚିଲା। ସେଠାରେ ବତକକୁ ପଚାରିଲା, "ତୁମେ ମୋ ଅଣ୍ଡାକୁ ଦେଖିଛ କି?"

ବତକ କହିଲା, "ହଁ, ହଁ, ମୁଁ ଦେଖିଛି। ସେଇଟା ବାଡ଼ଦେଇ ବାହାରକୁ ଚାଲିଗଲା।"






କୁକୁଡ଼ାଟି ଆଗକୁ ଚାଲିଲା। ଆଗକୁ ଯାଇ ଦେଖିଲା,
ଛୁଟ୍କୁ ଠେକୁଆଟି ଅଣ୍ଡାଗୁଡ଼ିକରେ ରଙ୍ଗ ଦେଉଥିଲା।

କୁକୁଡ଼ା ଛୁଟ୍କୁ ପଚାରିଲା, "ତୁମେ ମୋ ଅଣ୍ଡାକୁ ଦେଖିଛ କି?" ଠେକୁଆଟି କହିଲା, "ହଁ, ହଁ ମୁଁ ଦେଖିଛି। ଗୋଟେ ଛୋଟ ସୁନ୍ଦରିଆ ଅଣ୍ଡାଟେ କାଠର ସେଇ କଣା ଭିତରେ ପଶିଯାଇଛି।"








କୁକୁଡ଼ାଟି କାଠର ଆରପାଖକୁ ଗଲା।
ହାୟରେ! ସେ ଯେମିତି ଅଣ୍ଡାକୁ ଦେଖିଛି, ଅଣ୍ଡାଟି
ଏକ ଗାତ ଭିତରକୁ ପଶିଗଲା। କୁକୁଡ଼ା
କାନ୍ଦିବାକୁ ଲାଗିଲା।

"ହାୟରେ ମୋ ଅଣ୍ଡା! ହାୟରେ ମୋ ଅଣ୍ଡା! ମୋ
ଅଣ୍ଡାଟି ହଜିଗଲାରେ, ହଜିଗଲାରେ।"
କିନ୍ତୁ ଠିକ୍ ସେତିକିବେଳେ...



...ଗୋଟେ ମୁଷା ସେ ଗାତଭିତରୁ ବାହାରକୁ
ବାହାରିଲା। ସେ କହିଲା, "ଆରେ ହେ,
ମୁଁ ତୋ ଅଣ୍ଡା ପାଇଛି...






କିନ୍ତୁ ତା'ର ଗୋଟେ କ'ଣ ହୋଇଯାଇଛି।
ସେଇଟା ଭାଙ୍ଗି ଟିକି ଟିକି ହୋଇଯାଇଛି।
କିନ୍ତୁ ତା'କୁ ବାଗେଇକି ଦେଖିଲେ ତୁ ଜାଣିପାରିବୁ...



ତୋ ପାଖରେ ଗୋଟେ କଉତୁକିଆ ଚିଆଁଟିଏ ଅଛି।"

କୁକୁଡ଼ାଟି ବହୁତ ଖୁସି ହୋଇଗଲା। ତାହାର ତ ଅଣ୍ଡା ଆଉ ନଥିଲା। କିନ୍ତୁ ତା' ପାଖରେ ଗୋଟେ ଛୋଟ ଚିଆଁ ଥିଲା।







ଚିଆଁ କୁକୁଡ଼ାଟି କହିଲା, "ମାଆ, ମାଆ।"
ମାଆ କୁକୁଡ଼ାଟି ଚିଆଁର ଡାକ ଶୁଣି ବହୁତ ଖୁସି ହୋଇଗଲା।
ତୁମେମାନେ ବି ଖୁସି ତ?




# ଏକଲବ୍ୟ

ଏକଲବ୍ୟ ଏକ ସ୍ୱେଚ୍ଛାସେବୀ ସଂଗଠନ ଅଟେ ଯାହା ବିଗତ କିଛି ବର୍ଷ ଧରି ଶିକ୍ଷା ଏବଂ ଲୋକବିଜ୍ଞାନ କ୍ଷେତ୍ରରେ କାମ କରି ଆସୁଛି।

ଏକଲବ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏମିତି ଶିକ୍ଷାର ବିକାଶ କରିବା ଯାହା ପିଲା ଓ ତାହାର ପରିବେଶ ସହ ଯୋଡ଼ି ହୋଇଥିବ, ଯାହା ଖେଳ, ଗତିବିଧି ଏବଂ ସୃଜନାତ୍ମକ ଦିଗ ଉପରେ ଆଧାରିତ ହୋଇଥିବ । ଏକଲବ୍ୟ ନିଜର କାମ କରିବା ଭିତରେ ଜାଣିବାକୁ ପାଇଲା ଯେ ଯେତେବେଳେ ପିଲାଙ୍କୁ ତାଙ୍କ ସ୍କୁଲ ସମୟ ବାଦ ଘରେ ବି ସୃଜନାତ୍ମକ ଗତିବିଧିର ସାଧନ ଉପଲବ୍ଧ ହୁଏ ସେତେବେଳେ ତାଙ୍କର ସ୍କୁଲ ପଢ଼ା ମଧ୍ୟ ସାର୍ଥକ ହୋଇଯାଏ । ଏହିସବୁ ସାଧନର ଗୋଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ବହି ଏବଂ ପୁସ୍ତକ।

ବିଗତ କିଛି ବର୍ଷ ଭିତରେ ଏକଲବ୍ୟ ନିଜର କାର୍ଯ୍ୟର ବିସ୍ତାର ପ୍ରକାଶନ କ୍ଷେତ୍ରରେ ମଧ୍ୟ କରିଛି । ଏକଲବ୍ୟର ନିୟମିତ ପ୍ରକାଶନ ହେଉଛି- ମାସିକ ଶିଶୁ ବିଜ୍ଞାନ ପତ୍ରିକା 'ଚକମକ', ବିଜ୍ଞାନ ଏବଂ ଟେକ୍ନୋଲୋଜି ଫିଚର 'ସ୍ରୋତ' ତଥା ଶିକ୍ଷା ସମ୍ବନ୍ଧୀୟ ପତ୍ରିକା 'ସନ୍ଦର୍ଭ' । ଶିକ୍ଷା, ଲୋକବିଜ୍ଞାନ ତଥା ପିଲାଙ୍କ ପାଇଁ ସୃଜନାତ୍ମକ ଗତିବିଧି ଛଡ଼ା ବିକାଶର ବ୍ୟାପକ ବିଷୟ ସମ୍ବନ୍ଧୀୟ ପୁସ୍ତକ, ପୁସ୍ତିକା ତଥା ସାମଗ୍ରୀ ଆଦି ମଧ୍ୟ ଏକଲବ୍ୟ ବିକଶିତ ଏବଂ ପ୍ରକାଶିତ କରିଛି।

ପଢ଼ା ଶିଖୁଥିବା ପିଲାଙ୍କ ଆବଶ୍ୟକତାକୁ ନଜରରେ ରଖି ଏକଲବ୍ୟ ହିନ୍ଦୀ ଭାଷାରେ ଅନେକ ଚିତ୍ରଗପ ପ୍ରକାଶିତ କରିଛି । ଯଥା 'ରୁସି ଔର ପୁସି', 'ଚୁହେ କୋ ମିଲି ପେନ୍ସିଲ', 'ନାଓ ଚଲି', 'ମେଂ ଭି', 'ବିଲ୍ଲୀ କେ ବଚ୍ଚେ', 'ଭାଲୁ ନେ ଖେଲି ଫୁଟବଲ', 'ନଟଖଟ ଗଧା', 'ନନ୍ହେ ଚୁଜେ କି ଦୋସ୍ତ'... 'ଛୁଟକି ଉଲ୍ଲି' । ଏଗୁଡ଼ିକ ମଧ୍ୟରୁ କିଛି ପୁସ୍ତକ ଇଂରାଜୀ, ମରାଠୀ, ଗୁଜୁରାଟି, ବଙ୍ଗଳା, ବୁନ୍ଦେଲି, ଛତିସଗଢ଼ି, ମାଲବୀ, 'ଗୋଣ୍ଡି' 'କୋରକୁ' ଏବଂ 'ଓଡ଼ିଆ' ଭାଷାରେ ମଧ୍ୟ ଉପଲବ୍ଧ ଅଟେ । ଏହି ଧାରାରେ ଏହି ପୁସ୍ତକଟି 'ତୁମେ ମୋର ଅଣ୍ଡା ଦେଖିଛ କି?'ର ଓଡ଼ିଆ ଅନୁବାଦ ପ୍ରସ୍ତୁତ।

## ଚିତ୍ରଗପ କାହିଁକି?

ପଢ଼ା ଶିଖୁଥିବା ଏବଂ ନୂଆ ନୂଆ ପଢ଼ା ଶିଖିଥିବା ପିଲାଙ୍କୁ ତାଙ୍କର ଏହି ନୂଆ କୌଶଳକୁ ବାରମ୍ବାର ବ୍ୟବହାର କରିବା ନିମନ୍ତେ ଅନେକ ଗପର ଆବଶ୍ୟକତା ପଡ଼ିଥାଏ । ଏମିତି ଗପ ଯାହା ପରିଚିତ ବିଷୟରେ ରଚନା କରାଯାଇଥିବ; ଯେଉଁଥିରେ ଅଳ୍ପ କିଛି ଚରିତ୍ର ଥିବେ ଯେଉଁମାନେ କୌଣସି ନୂଆ ପରିସ୍ଥିତିର ସାମନା କରୁଥିବେ, କିଛି ନୂଆ ସମସ୍ୟାର ସମାଧାନ କରୁଥିବେ । ଗପରେ କିଛି କଥା କିମ୍ବା ଶବ୍ଦର ପୁନରାବୃତ୍ତି ହୋଇଥିବ ଏବଂ କିଛି ନୂଆ କଥା ବି ଥିବ । ପଢ଼ାର ଆରମ୍ଭ ସ୍ତରରେ ଚିତ୍ରଗପଗୁଡ଼ିକ  ନୂଆ ପଢ଼ାଳିଙ୍କୁ ଏହିସବୁ ସୁଯୋଗ ପ୍ରଦାନ କରେ।

ଚିତ୍ରଗପ ଗୁଡ଼ିକରେ ବହୁତ ଗୁଡ଼ିଏ ଚିତ୍ର ଥିବା ଆବଶ୍ୟକ – ଏମିତି ଚିତ୍ର ଯେଉଁଥିରେ ମନମୋହକ ସୂକ୍ଷ୍ମ ପାର୍ଥକ୍ୟ ମଧ୍ୟ ଥିବ; ଖୋଜିବା, କରିବା ଏବଂ ଖେଳିବାର ସୁଯୋଗ ମଧ୍ୟ ଥିବ । ଏବଂ ଏହା ସହିତ ପ୍ରତ୍ୟେକ ପୃଷ୍ଠାରେ ଗୋଟେ କିମ୍ବା ଦୁଇଟି ସହଜ ବାକ୍ୟ ମଧ୍ୟ ଥିବ ଯାହା ଚିତ୍ରର କଥାକୁ ପୂରଣ କରୁଥିବ । ଏମିତି ହେଲେ ପଢୁଥିବା ପିଲା ନିଜେ ନିଜେ ପୁରା ଗପଟିର ଅର୍ଥକୁ ବୁଝି ଯାଆନ୍ତି।

ଭଲ ଭଲ ଚିତ୍ରଗପ ପ୍ରାୟତଃ ଜୀବନସାରା ପାଇଁ ପିଲାଙ୍କର ସାଥୀ ପାଲଟି ଯାଆନ୍ତି।

parag
AN INITIATIVE OF TATA TRUSTS
eklavya
ମୂଲ୍ୟ: ₹ 60.00
9 789348 176820